# NATIONAL NEWS BULLETIN (ODIA)

## 17iú March - 2025

## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ରାଇସିନା ଆଲୋଚନାର ଦଶମ ସଂସ୍କରଣକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ଶାନ୍ତି ଏବଂ ସୌହାର୍ଦ୍ଦ୍ୟପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ।

- ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ ଯୋଜନାର ଏକ ଉତ୍ସର୍ଗୀକୃତ ଆପ୍‌କୁ ଆଜି ଉନ୍ମୋଚନ କରିବେ ଅର୍ଥମନ୍ତ୍ରୀ ।

- ଆର୍‌.ଜି. କର ମେଡିକାଲ୍‌ କଲେଜ ହସ୍ପିଟାଲ୍‌ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନିଜଆଡୁ ଗ୍ରହଣ କରିଥିବା ମାମଲାର ଆଜି ଶୁଣାଣି କରିବେ ସୁପ୍ରିମ୍‌କୋର୍ଟ ।

ଏବଂ

- ତ୍ରିନିଦାଦ ଓ ଟବାଗୋର ପ୍ରଧାନମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ଷ୍ଟୁଆର୍ଟ ୟଙ୍ଗ୍ ।

## ପି.ଏମ୍. ରାଇସିନା ଡାଏଲଗ୍

ନୂଆଦିଲ୍ଲୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଇସିନା ଆଲୋଚନାର ଦଶମ ସଂସ୍କରଣ-୨୦୨୫କୁ ଉଦ୍‌ଘାଟନ କରିବେ । ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବୋଧନ କରିବେ । ଏହି ତିନିଦିନିଆ ଆଲୋଚନା ବୈଠକ ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବ । ଚଳିତ ଥରର ବିଷୟବସ୍ତୁ ରହିଛି "କାଳଚକ୍ର - ପିପୁଲ୍, ପିସ୍ ଆଣ୍ଡ ପ୍ଲାନେଟ୍" । ବିଭିନ୍ନ ଦେଶର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୁକାବିଲା ଲକ୍ଷ୍ୟରେ ମତବିନିମୟ କରିବେ । ୬ଟି ପ୍ରସଙ୍ଗ ଉପରେ ଆଲୋଚନା ବୈଠକ ହେବାର କାର୍ଯ୍ୟସୂଚୀ ରହିଛି ।

ଏହି ବୈଠକରେ ୧୨୫ଟି ଦେଶର ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଏଥିରେ ବିଭିନ୍ନ ରାଷ୍ଟ୍ରର ମୁଖ୍ୟ, ମନ୍ତ୍ରୀ ପରିଷଦର ସଦସ୍ୟ, ବିଶେଷଜ୍ଞ, ଗଣମାଧ୍ୟମ ପ୍ରତିନିଧି, ବ୍ୟାବସାୟିକ କ୍ଷେତ୍ରର ମୁଖ୍ୟ ପ୍ରମୁଖ ଅନ୍ତର୍ଭୁକ୍ତ । ଏଥିସହ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ସମଗ୍ର ବିଶ୍ୱର ବିଭିନ୍ନ

କ୍ଷେତ୍ରର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଯୋଗ ଦେଉଛନ୍ତି । ରାଇସିନା ଆଲୋଚନାରେ ଅଂଶଗ୍ରହଣ କରିବାପାଇଁ ବିଭିନ୍ନ ଦେଶର ପ୍ରତିନିଧି ନୂଆଦିଲ୍ଲୀରେ ଆସି ପହଞ୍ଚିଥିବା ଜଣାପଡ଼ିଛି ।

## ନ୍ୟୁଜିଲାଣ୍ଡ ପି.ଏମ୍. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଖ୍ରୀଷ୍ଟୋଫର ଲକ୍ସନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ଶ୍ରୀ ଲକ୍ସନ୍ ମଧ୍ୟ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତକୁ ୫ଦିନିଆ ଗସ୍ତରେ ଥିବା ଶ୍ରୀ ଲକ୍ସନ୍ ମୁମ୍ବାଇ ଗସ୍ତରେ ଯାଇ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ମଧ୍ୟ ମତବିନିମୟ କରିବେ । ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ନୂତନ ପନ୍ଥା ନିର୍ଣ୍ଣୟ କରିବା ଶ୍ରୀ ଲକ୍ସନଙ୍କ ଭାରତ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଶ୍ରୀ ଲକ୍ସନ ଗତକାଲି ଆସି ପହଞ୍ଚିଛନ୍ତି । ତାଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳି ମଧ୍ୟ ଭାରତ ଗସ୍ତରେ ଆସିଛନ୍ତି ।

# ପି.ଏମ୍. ପୋଡ୍‌କାଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଶାନ୍ତିପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ । ଗୌତମ ବୁଦ୍ଧ ଏବଂ ମହାତ୍ମାଗାନ୍ଧିଙ୍କ ଭୂମି ହୋଇଥିବାରୁ ଭାରତ ଶାନ୍ତି ନେଇ ଦେଇଥିବା ବାର୍ତ୍ତା ଉପରେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ଗୁରୁତ୍ୱ ଦିଅନ୍ତି । ଲେକ୍ସ ଫ୍ରିଡ୍‌ମ୍ୟାନ୍‌ଙ୍କ ସହ ପୋଡ୍‌କାଷ୍ଟ ସାକ୍ଷାତ୍‌କାରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତବାସୀ ସର୍ବଦା ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । ରୁଷ୍ ଏବଂ ୟୁକ୍ରେନ୍ ବିବାଦ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଉଭୟ ଦେଶ ମଧ୍ୟରେ ଆଲୋଚନା ହେଲେ ହିଁ ସମାଧାନର ପନ୍ଥା ବାହାରିପାରିବ । ଶାନ୍ତି ଆଲୋଚନାରେ ଉଭୟ ପକ୍ଷଙ୍କୁ ଅନ୍ତର୍ଭୁକ୍ତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ଭାରତ-ଚୀନ୍ ସମ୍ପର୍କରେ ଆଲୋକପାତ କରି ଶ୍ରୀ ମୋଦି କହିଛନ୍ତି, ଉଭୟ ଦେଶର ସଂସ୍କୃତି ଏବଂ ସଭ୍ୟତା ବହୁ ପ୍ରାଚୀନ । ଉଭୟ ଦେଶ ମିଳିତ ଭାବେ ବିଶ୍ୱ କଲ୍ୟାଣ ଦିଗରେ କାର୍ଯ୍ୟ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ଓ ଚୀନ୍ ମଧ୍ୟରେ ସୁଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ବଜାୟ ରଖିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ରହିଥିବା ମତଭେଦ ଯେଭଳି ବିବାଦରେ ପରିଣତ ନ ହୁଏ, ସେଥିପ୍ରତି ଭାରତ ସର୍ବଦା କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି ।

ପାକିସ୍ତାନ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭାଜନ ପରେ ପାକିସ୍ତାନ ନିଜର ସୌହାର୍ଦ୍ଦ୍ୟପୂର୍ଣ୍ଣ ଅସ୍ତିତ୍ୱକୁ ପ୍ରୋତ୍ସାହିତ ନ କରି ଭାରତ ବିରୋଧରେ ଛାୟାଯୁଦ୍ଧ କରୁଛି । ଏଭଳି ବିଚାରଧାରା ଦ୍ୱାରା ସମଗ୍ର ବିଶ୍ୱରେ ଆତଙ୍କବାଦ ଘଟଣା ବୃଦ୍ଧି ପାଉଛି । ପାକିସ୍ତାନକୁ ଆତଙ୍କବାଦର ମାର୍ଗ ପରିତ୍ୟାଗ କରିବାକୁ ଭାରତ ବାରମ୍ବାର ଅନୁରୋଧ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କୃତ୍ରିମ ବୁଦ୍ଧିମତ୍ତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏ କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରୁଛି । ଏ.ଆଇ. ଉଦ୍‌ଭାବନ ଏବଂ ଏହାର ନିର୍ଦ୍ଦିଷ୍ଟ ବ୍ୟବହାର ଉପରେ ଭାରତ ଗୁରୁତ୍ୱ ପ୍ରଦାନ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

***Voice*** :..........

ପ୍ରଧାନମନ୍ତ୍ରୀ କହିଛନ୍ତି, ପରୀକ୍ଷାକୁ ଛାତ୍ରଛାତ୍ରୀଙ୍କ ସାମର୍ଥ୍ୟର ଚୂଡ଼ାନ୍ତ ବୋଲି ବିବେଚନା କରିବା ଉଚିତ ନୁହେଁ । ପରୀକ୍ଷା ପେ ଚର୍ଚ୍ଚା ଆଲୋଚନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ମତବିନିମୟ କରିବା, ସେମାନଙ୍କର ଚିନ୍ତା ଏବଂ ଶିକ୍ଷା ଉପରେ ଦୃଷ୍ଟିକୋଣ ବୁଝିବା ସୌଭାଗ୍ୟ ସେ ଉପଲବ୍ଧି କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଜନଶକ୍ତିର ସାମର୍ଥ୍ୟକୁ ସ୍ୱୀକୃତି ପ୍ରଦାନ ସ୍ୱରୂପ ଭାରତର ସ୍ୱାଧୀନତା ସଂଗ୍ରାମକୁ ଜନ ଆନ୍ଦୋଳନରେ ପରିଣତ କରିବାରେ ମହାତ୍ମାଗାନ୍ଧିଙ୍କ ଦକ୍ଷତା ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ

କରିଛନ୍ତି । ନିଜ ଆଭିମୁଖ୍ୟରେ ସର୍ବଦା ଲୋକଙ୍କ ସାମିଲ୍ କରିବାକୁ ସେ ପ୍ରୟାସ କରିଥା'ନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ନିର୍ମଳା - ପି.ଏମ୍.ଆଇ.ଏସ୍.

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ଯୋଜନା - ପି.ଏମ୍.ଆଇ.ଏସ୍. ପାଇଁ ଏକ ଉତ୍ସର୍ଗୀକୃତ ଆପ୍ ଉନ୍ମୋଚନ କରିବେ । ଏହି ଯୋଜନା ଅଧୀନରେ ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ସହଜ ଏବଂ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ଆପ୍ କାର୍ଯ୍ୟକାରୀ କରାଯିବ । ଅସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଯୋଜନା ଅଧୀନରେ ଆବେଦନର ସମୟସୀମା ଧାର୍ଯ୍ୟ ହୋଇଛି । ଏହି ଆପ୍ ଲଞ୍ଚ୍ ସହିତ କୋଲ୍କାତାରେ ପି.ଏମ୍.ଆଇ.ଏସ୍. ପାଇଁ ଏକ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯିବ । କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ଏବଂ ଭାରତୀୟ ଶିଳ୍ପ ମହାସଂଘର ମିଳିତ  ଆନୁକୂଲ୍ୟରେ ଏହି କେନ୍ଦ୍ର ଆରମ୍ଭ କରାଯାଉଛି । ବିଭିନ୍ନ କ୍ଷେତ୍ରରେ ଯୋଜନାର ସଫଳ ରୂପାୟନ ନେଇ ଏହି କେନ୍ଦ୍ର ଇଚ୍ଛୁକ ପ୍ରାର୍ଥୀଙ୍କୁ ମାର୍ଗଦର୍ଶନ କରିବାର ଲକ୍ଷ୍ୟ ରଖିଛି ।

## ଏସ୍.ସି. - ଆର୍.ଜି. କର

ପଶ୍ଚିମବଙ୍ଗ ଆର୍.ଜି.କର ମେଡିକାର କଲେଜ ଏବଂ ହସ୍ପିଟାଲ୍ ଦୁଷ୍କର୍ମ ଓ ହତ୍ୟା ମାମଲାର ଶୁଣାଣି ଆଜି ସୁପ୍ରିମ୍‌କୋର୍ଟରେ କରାଯିବ । ନିଜ ଆଡୁ ଗ୍ରହଣ କରିଥିବା ଏହି ମାମଲାର ଶୁଣାଣି ଆଜି ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଅନୁଷ୍ଠିତ ହେବ । ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ମାସରେ କୋଲ୍‌କାତାର ଆର୍.ଜି. କର ମେଡିକାଲ୍ କଲେଜରେ ଜଣେ ଡାକ୍ତରୀ ଛାତ୍ରୀଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣା ଏବଂ କେତେକ ଆନୁଷଙ୍ଗିକ ପ୍ରସଙ୍ଗ ଆଧାରିତ ମାମଲାଗୁଡ଼ିକର ଶୁଣାଣି ଅନୁଷ୍ଠିତ ହୋଇଥିଲା । ସର୍ବୋଚ୍ଚ ନ୍ୟାୟାଳୟ ଆନ୍ଦୋଳନରତ ଡାକ୍ତରଙ୍କ ଯଥାଶୀଘ୍ର କାର୍ଯ୍ୟରେ ଯୋଗଦେବାକୁ ଅନୁରୋଧ କରିବା ସେମାନଙ୍କ ବିରୋଧରେ କୌଣସି ପ୍ରତିକୂଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଇସ୍ରାଏଲ୍ ହାଇ ଆଲର୍ଟ

ୟେମେନ୍‌ର ହୁତି ବିଦ୍ରୋହୀଙ୍କ ସମ୍ଭାବ୍ୟ ପ୍ରତିଶୋଧମୂଳକ ଆକ୍ରମଣକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ବାୟୁସେନା ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆମେରିକା ପକ୍ଷରୁ ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ଉପରେ ହୋଇଥିବା ଆକ୍ରମଣ ପରିପ୍ରେକ୍ଷୀରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି । ସାମରିକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୟେମେନ୍‌ରୁ ଉତ୍କ୍ଷେପଣ କରାଯାଇଥିବା ଏକ କ୍ଷେପଣାସ୍ତ୍ର ଗତରାତିରେ ଇଜିପ୍ଟର ଶର୍ମ ଏଲ୍-ଶେଖ୍ ଅଞ୍ଚଳରେ  ପଡ଼ିବା ପରେ ଇସ୍ରାଏଲ୍ ସେନା ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଇସ୍ରାଏଲ୍ ସାମରିକ ଗୁଇନ୍ଦା ବିଭାଗ ଏହି କ୍ଷେପଣାସ୍ତ୍ର ଇସ୍ରାଏଲ୍ ଅଞ୍ଚଳକୁ ଦୃଷ୍ଟିରେ ରଖି ଉତ୍କ୍ଷେପଣ କରାଯାଇଥିଲା କି ନାହିଁ, ତାହାର ଯାଞ୍ଚ୍ କରୁଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଅବସରରେ ୟେମେନ୍‌ରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ତୀବ୍ର ହୋଇଛି । ଏହି ଆକ୍ରମଣରେ ୩୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୦୧ ଜଣ ଆହତ ହୋଇଛନ୍ତି । ସୂଚନାଯୋଗ୍ୟ, ଗାଜାରେ ଇସ୍ରାଏଲ୍‌ର ଅବରୋଧ ଜବାବ୍‌ରେ ଇସ୍ରାଏଲ୍ ସହ ସମ୍ପୃକ୍ତ ଜାହାଜଗୁଡ଼ିକ ଉପରେ ଆକ୍ରମଣ କରାଯିବ ବୋଲି ହୁତି ବିଦ୍ରୋହୀ ଗୋଷ୍ଠୀଙ୍କ ପକ୍ଷରୁ ଚେତାବନୀ ପରିପ୍ରେକ୍ଷୀରେ ଆମେରିକା ୟେମେନ୍‌ର ରାଜଧାନୀ ସାନା ଉପରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା । ଇରାନ୍ ସମର୍ଥିତ ହୁତି ବିଦ୍ରୋହୀ ଗୋଷ୍ଠୀ ପାଲେଷ୍ଟାଇନ୍ ସହ ମିଳିତ ଭାବେ ଇସ୍ରାଏଲ୍ ଅଞ୍ଚଳ ଉପରେ ୩୨୦ଟି ଡ୍ରୋନ୍ ଆକ୍ରମଣ କରିଥିବା ଜଣାପଡ଼ିଛି । ଏହି

ମିଳିତ ସଙ୍ଗଠନ ଆମେରିକା-ବ୍ରିଟିଶ୍ ଆକ୍ରମଣର ପ୍ରତିଶୋଧ ନେବାକୁ ପ୍ରସ୍ତୁତ ହେବା ସହ ସେହି ଅଞ୍ଚଳରେ ସଂଘର୍ଷ ଅଧିକ ତୀବ୍ର ହେବାର ଆଶଙ୍କା ସୃଷ୍ଟି ହୋଇଛି ।

## ପି.ଏମ୍. - ତ୍ରିନିଦାଦ୍ ଟବାଗୋ

ତ୍ରିନିଦାଦ୍ ଏବଂ ଟବାଗୋର ପ୍ରଧାନମନ୍ତ୍ରୀ ଭାବେ ଷ୍ଟୁଆର୍ଟ ୟଙ୍ଗ୍ ଆଜି ଶପଥ ଗ୍ରହଣ କରିବେ । ସେଣ୍ଟ ଆନ୍ସ ସ୍ଥିତ ରାଷ୍ଟ୍ରପତି ଭବନରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଶ୍ରୀ ୟଙ୍ଗ୍ ବର୍ତ୍ତମାନ ଶକ୍ତି ଓ ଶିଳ୍ପ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ପ୍ରଧାନମନ୍ତ୍ରୀ ଡକ୍ଟର କିଥ୍ ରାଉଲିଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ । ବିଦାୟୀ ପ୍ରଧାନମନ୍ତ୍ରୀ ଡକ୍ଟର ରାଉଲି ଗତକାଲି ଶେଷଥରପାଇଁ ପିପୁଲ୍ସ ନ୍ୟାସନାଲ୍ ମୁଭ୍ମେଣ୍ଟ କେନ୍ଦ୍ରୀୟ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗ ଦେଇଥିଲେ । ତ୍ରିନିଦାଦ୍ ଏବଂ ଟବାଗୋ ପ୍ରତି ତାଙ୍କର ସମର୍ପଣ ଭାବ ଅତୁଟ ରହିବ ବୋଲି ଡକ୍ଟର ରାଉଲି ଏହି ଅବସରରେ କହିଥିଲେ । ସୂଚନାଯୋଗ୍ୟ, ଗତ ଜାନୁୟାରୀ ମାସ ପ୍ରାରମ୍ଭରେ ଡକ୍ଟର ରାଉଲି ତାଙ୍କ ପଦବିରୁ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ଏବଂ ମନ୍ତ୍ରୀ ଶ୍ରୀ ୟଙ୍ଗ୍‌ଙ୍କୁ ଉତ୍ତରାଧିକାରୀ ଭାବେ ମନୋନୀତ କରିଥିଲେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜନ୍ମଗତ ତ୍ରୁଟି ଏବଂ ତତ୍‌ସଂକ୍ରାନ୍ତ ସମସ୍ୟା** ଶୀର୍ଷକ ଆଲୋଚନା ପ୍ରଚାରଣ କରାଯିବ । ଏମ୍ସ ନୂଆଦିଲ୍ଲୀର ଶିଶୁ ଅସ୍ତ୍ରୋପଚାର ବିଭାଗର ପ୍ରଫେସର ଡାକ୍ତର ପ୍ରବୁଧ ଗୋୟଲ ଏବଂ ନୂଆଦିଲ୍ଲୀସ୍ଥିତ ସ୍ୱାମୀ ଦୟାନନ୍ଦ ହସ୍ପିଟାଲ୍ ଶିଶୁବିଭାଗ ମୁଖ୍ୟ ଡାକ୍ତର ସୁରେନ୍ଦ୍ର ସିଂହ ବିଷ୍ଟ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆଜି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air officialରେ ଏହା ଉପଲବ୍ଧ ହେବ ।

*****